
# ବର୍ଣ୍ଣମାଳା ଚାର୍ଟ

| | | | | | | |
|---|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ | ଋ |
| ଏ | ଐ | ଓ | ଔ | ଂ | ଃ | ଁ |

| | | | | |
|---|---|---|---|---|
| କ | ଖ | ଗ | ଘ | ଚ |
| ଛ | ଜ | ଝ | ଟ | ଠ |
| ଡ | ଢ | ଣ | ତ | ଥ |
| ଦ | ଧ | ନ | ପ | ଫ |
| ବ | ଭ | ମ | ଯ | ର |
| ଲ | ବ | ଶ | ଷ | ସ |
| ହ | କ୍ଷ | ୟ | ଳ | |


# ଏହା ମୋର ପରିବାର



ପ୍ରଥମ

# କିଏ କାହାକୁ କହିଲା.....

ଆଳୁ କହିଲା, ମୋତେ ଖାଅ
ମୁଁ ତୁମକୁ ଶକ୍ତି ଦେବି ।



କ୍ଷୀର କହିଲା, ମୋତେ ପିଅ
ମୁଁ ତୁମକୁ ବଡ଼ କରିଦେବି ।




କୁହ - କୁହ
କିଏ ଦେବ ଆମ
ଶରୀରକୁ ସୁରକ୍ଷା ? ?



ପନିପରିବା କହିଲେ, ଆମକୁ ଖାଅ
ଆମେ ଦେବୁ ତୁମ ଶରୀରକୁ  ସୁରକ୍ଷା ।




ଗୁଡ଼ କହିଲା, ମୋତେ ଖାଅ
ମୁଁ ତୁମ ଶକ୍ତିକୁ ବଢ଼ାଇବି ।
ଲେମ୍ବୁ କହିଲା, ମୋତେ ଖାଅ
ମୁଁ ଲୌହ ଶକ୍ତିକୁ ବଢ଼ାଇବି ।
କୁହ-କୁହ
କିଏ କରିବ ଆମ
ଆଖିର ସୁରକ୍ଷା ? ?
ଗାଜର, ବିଲାତି, ଶାଗ କହିଲେ
ଆମେ କରିବୁ ଆଖିର ସୁରକ୍ଷା ।

ପ୍ରଥମ

# ସଫା ପାଣି




ଦୂଷିତ ପାଣି ଅଟେ ରୋଗର ଘର,
ସମସ୍ତଙ୍କୁ କରେ ବଡ଼ ହଇରାଣ।
ଯେପରି ଏହା ଅଟେ ତାହାରି କାମ।





ପାଣିକୁ ସଫା କରିବା ଅଟେ ଅତି ସରଳ,
ଏହାକୁ ଫୁଟାଇ ଜୀବାଣୁକୁ କର ବିନାଶ।



ପ୍ରଥମ

# ମ୍ୟାଲେରିଆ



ମିଳିମିଶି ଆସ ପଣ କରିବା ,
ମଶାର ବଂଶକୁ ନାଶ କରିବା ।



ପାଣି ଜମିବାକୁ ଦେବାନି ଆମେ,
ମଶାରୀ ଟାଣି ଶୋଇବା ଯତନେ ।



ମ୍ୟାଲେରିଆକୁ ଢିସୁମ୍-ଢିସୁମ୍ ମାରିବା ଆମେ ।




ପ୍ରଥମ

# ନିର୍ଦ୍ଦେଶ ଫର୍ଦ୍ଦ (ଭାଷା)

## ଆସ ଗପସପ କରିବା

**ଉଦ୍ଦେଶ୍ୟ:-** ଧ୍ୟାନପୂର୍ବକ ଦେଖିବା, ଶୁଣିବା ତଥା ନିଜ ଅନୁଭବ ସହିତ ଯୋଡ଼ି କହିବା । ସଂକୋଚ ଭାବ ମଧ୍ୟ ଦୂର କରିବା ସହିତ ପିଲାଙ୍କ କଳ୍ପନାଶକ୍ତିର ବିକାଶ ହେବ ।



**ସାମଗ୍ରୀ:-** ପୋଷ୍ଟର / ମନରୁ

- ନିଜର ଓ ନିଜ ପରିବାରର ପରିଚୟ, ସେମାନଙ୍କ ପସନ୍ଦ-ନାପସନ୍ଦ ବିଷୟରେ କଥାବାର୍ତ୍ତା କର ।
- ଅଲଗା-ଅଲଗା ବସ୍ତୁଗୁଡ଼ିକ ବିଷୟରେ କଥାବାର୍ତ୍ତା କର ।
- ଚିତ୍ରଗୁଡ଼ିକ ଉପରେ କଥାବାର୍ତ୍ତା କର, ଯେପରି- ଚିତ୍ରରେ କଣ କଣ ଅଛି, କଣ ହେଉଛି, କଣ କରୁଛନ୍ତି ବା ଚିତ୍ରରୁ କୌଣସି କାହାଣୀ ତିଆରି କରି ଶୁଣାଅ ।
- ଘଟଣା/ପରିସ୍ଥିତି ବିଷୟରେ କଥାବାର୍ତ୍ତା କର, ଯେପରି - ଚାରିଦିନ ସୂର୍ଯ୍ୟ ଯଦି ନ ବାହାରିବ ତେବେ କଣ ହେବ ? ବା ଲଗାତାର ବର୍ଷା ଲାଗିରହିଲେ କଣ ହେବ ? ଅସମ୍ପୂର୍ଣ୍ଣ କାହାଣୀ ପୁରା କର, ଯେପରି - ଜଙ୍ଗଲରେ ଗୋଟିଏ ସିଂହ ଥିଲା । କୌଣସି ପଶୁପକ୍ଷୀ ତାକୁ ଡରୁ ନଥିଲେ । କିନ୍ତୁ ଦିନେ ସବୁ ପଶୁପକ୍ଷୀ....(ଆଗକୁ ଚିନ୍ତାକର)

**ନୋଟ୍ :** ପିଲାଙ୍କ ସହିତ ପ୍ରତିଦିନ ଅଲଗା-ଅଲଗା ବିନ୍ଦୁ ଉପରେ କଥାବାର୍ତ୍ତା /ଗପସପ କରାଯାଇପାରେ ।

## କାହାଣୀ ଶୁଣ-ଶୁଣାଅ

**ଉଦ୍ଦେଶ୍ୟ:-**କାହାଣୀକୁ ପଢ଼ିକରି ଶୁଣାଇବା ଦ୍ୱାରା ପିଲାଙ୍କର ବୌଦ୍ଧିକ, ଭାବନାତ୍ମକ ଓ ସାମାଜିକ ବିକାଶ ହୋଇଥାଏ । ଏହା ସେମାନଙ୍କ ଭାଷା ବିକାଶ ଏବଂ ଆଗକୁ ପଢ଼ିବା-ଲେଖିବାର କ୍ଷମତାରେ ମଧ୍ୟ ସାହାଯ୍ୟ କରିଥାଏ ।

**ସାମଗ୍ରୀ:- କାହାଣୀ କାର୍ଡ**




- କାହାଣୀର ଚିତ୍ର ଉପରେ କଥାବାର୍ତ୍ତା କର ।
- ହାବ-ଭାବର ସହିତ କୌଣସି ମଜାଳିଆ କାହାଣୀ ଶୁଣାଅ । (ମୌଖିକ)
- କାହାଣୀ କାର୍ଡ ରୁ କାହାଣୀ ହାବ-ଭାବର ସହିତ ପଢ଼ି ଶୁଣାଅ ।
- କାହାଣୀ ଉପରେ ଆଲୋଚନା କର : ( କଣ, କାହିଁକି, କିପରି, ଯଦି ଆଦି ପ୍ରଶ୍ନ ପଚାରି )
- କାହାଣୀ ଉପରେ ରୋଲ ପ୍ଲେ କରିବାକୁ କୁହ ।

**ନୋଟ - କାହାଣୀ ହାବ-ଭାବର ସହିତ ଶୁଣାଇବାକୁ କୁହ । କିଛି ସମୟ ପରେ ପିଲାମାନଙ୍କୁ ଦଳରେ ବା ବ୍ୟକ୍ତିଗତ ରୂପେ କାହାଣୀ ପଢ଼ିବାକୁ ପ୍ରୋତ୍ସାହିତ କର ।**

## ଚିତ୍ର ସହ କାହାଣୀ

**ଉଦ୍ଦେଶ୍ୟ:-** ଚିତ୍ରରେ ବା ଏକାଧିକ ଚିତ୍ରରେ କ୍ରମ ଅନୁସାରେ ଘଟୁଥିବା ଘଟଣା/କାର୍ଯ୍ୟକୁ କ୍ରମ ଅନୁସାରେ କହିବ ।




**କିପରି କରିବ :** ପ୍ରଥମେ ପିଲାକୁ ଚିତ୍ର କାର୍ଡ଼କୁ ଦେଖାଇ ପ୍ରତ୍ୟେକ ଚିତ୍ର ଉପରେ ଆଲୋଚନା କର ।

ଚିତ୍ରକୁ କ୍ରମ ଅନୁସାରେ ସଜାଇ କାହାଣୀକୁ କହିବାକୁ କୁହ ।

## ଅନୁଚ୍ଛେଦ କାର୍ଡ଼

ଉଦ୍ଦେଶ୍ୟ:- ଧ୍ୟାନ ପୂର୍ବକ ଶୁଣିବା ଓ ସ୍ପଷ୍ଟ ଉଚ୍ଚାରଣ ସହିତ ପଢ଼ିବାର ଅଭ୍ୟାସ କରାଇବା ।

**କିପରି କରିବା :**



- ଶବ୍ଦ ତଳେ ଆଙ୍ଗୁଳି ରଖି ଅନୁଚ୍ଛେଦକୁ ପଢ଼ ।
- ପିଲାଙ୍କୁ ପଢ଼ିବା ପାଇଁ ପ୍ରୋତ୍ସାହିତ କର ।

## ଲିଙ୍କିଙ୍ଗ୍ କାର୍ଡ଼

ଉଦ୍ଦେଶ୍ୟ:- କାର୍ଡ଼ରେ ଥିବା ଅକ୍ଷର, ଶବ୍ଦ ଏବଂ ବାକ୍ୟକୁ ଭାଗ ଭାଗ କରି ଚିହ୍ନିବ ତଥା ଧ୍ୱନୀ ଚିହ୍ନର ପ୍ରୟୋଗ ଦ୍ୱାରା ଗଠନ ହେଉଥିବା ଶବ୍ଦକୁ ଜାଣିବ ଓ ଶବ୍ଦଭଣ୍ଡାର ବୃଦ୍ଧି କରିବ ।





କିପରି କରିବ : ପିଲାଙ୍କୁ ଛୋଟ ଛୋଟ ଦଳରେ କାର୍ଡ଼କୁ ପଢ଼ିବାକୁ ଦିଅ । ପିଲା ବାକ୍ୟରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଇ ଅକ୍ଷର ସହିତ ପରିଚିତ କରାଅ ।

## ଫ୍ଲାସ୍ କାର୍ଡ଼ର ଖେଳ

**ଉଦ୍ଦେଶ୍ୟ:-** ଧ୍ୱନୀ ସହିତ ଆକୃତିର ପରିଚୟ କରାଇବା ସହିତ ଶବ୍ଦ ଗଠନ କରାଇବା ।




**ସାମଗ୍ରୀ: ଫ୍ଲାସକାର୍ଡ**

- ଚିତ୍ର ଦେଖାଇ ପିଲାଙ୍କୁ ପଚାର ।
- ଶବ୍ଦର ପ୍ରଥମ ସ୍ୱର ପଚାର ।
- ଅଲଗା-ଅଲଗା ଶବ୍ଦର ପ୍ରଥମ/ଶେଷ ସ୍ୱର ବଦଳାଇ ନୂଆ ଶବ୍ଦ ତିଆରି କର ।
- ଧ୍ୱନି ସହିତ ଆକୃତିର ପରିଚୟ କରାଅ ।

**ନୋଟ୍:- ଧ୍ୱନୀ, ଖେଳର ଆବଶ୍ୟକତା ଅନୁସାରେ ମୌଖିକ ଓ ଲିଖିତ ରୂପେ କରାଅ ।**

## ଗପ ଆଗକୁ କୁହ

**ଉଦ୍ଦେଶ୍ୟ:-** ନିଜ କଳ୍ପନା ଶକ୍ତିକୁ ବୃଦ୍ଧି କରିବ ତଥା କ୍ରମବଦ୍ଧ ହିସାବରେ କାହାଣୀକୁ ଆଗକୁ ନେବ ।

**କିପରି କରିବା :**




- ଚିତ୍ରକୁ ଦେଖାଇ ପିଲାଙ୍କ ସହିତ ଆଲୋଚନା କର ।
- ଚିତ୍ରକୁ ଦେଖି/ପଢ଼ି କ୍ରମ ଅନୁସାରେ କହିବାକୁ କୁହ ।

**ନୋଟ୍ :** ସବୁ ପିଲାଙ୍କୁ କହିବାକୁ ସୁଯୋଗ ଦିଅ ଏବଂ କାହାଣୀକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କର ।

## ବିଜ୍ଞାପନ କାର୍ଡ଼

**ଉଦ୍ଦେଶ୍ୟ:-** ନିଜ ପରିବେଶ ସମ୍ପର୍କିତ ଅନୁଭୂତିକୁ ପୋଷ୍ଟର/ବିଜ୍ଞାପନ ମାଧ୍ୟମରେ ପ୍ରକାଶ କରିବ ।

**କିପରି କରିବା :**



- ପିଲାଙ୍କୁ ଚିତ୍ରକୁ ଦେଖାଅ ଓ ପଢ଼ିବାକୁ କୁହ ।
- ଏହିଭଳି ବିଜ୍ଞାପନ କେଉଁ କେଉଁଠାରେ ଦେଖିଛନ୍ତି ସେ ବିଷୟରେ ଆଲୋଚନା କର ।
- ବିଜ୍ଞାପନ ଉପରେ ପିଲାଙ୍କ ସହିତ ଆଲୋଚନା କର ଯେପରି କଣ, କାହିଁକି, କିପରି ଆଦି ପ୍ରଶ୍ନ କରି ।

## ଖେଳ-ଅକ୍ଷର/ଶବ୍ଦ

**ଉଦ୍ଦେଶ୍ୟ:- ଅକ୍ଷର ଚିହ୍ନଟ ସହିତ ଶବ୍ଦ ଭଣ୍ଡାରର ବୃଦ୍ଧି**

**ସାମଗ୍ରୀ:-ଫ୍ଲାସକାର୍ଡ**

- ଆସ ଖେଳିବା ପୁସ୍ତିକାରୁ ଅକ୍ଷର ଚିହ୍ନଟର କୌଣସି ୨-୩ ଟି ଖେଳ ପ୍ରତିଦିନ କରାଅ, ଯେପରି - ଅକ୍ଷର ଡିଆଁ, କାର୍ଡ ଓଲଟାଇବା, ମୋ ଅକ୍ଷର ଖୋଜ, ଶବ୍ଦର ଅନ୍ତାକ୍ଷରୀ ଇତ୍ୟାଦି ।

## ଯାଞ୍ଚପତ୍ର

**ଉଦ୍ଦେଶ୍ୟ:- ପିଲାଙ୍କର ପଢ଼ିବାର ସ୍ତରକୁ ଜାଣି ସେହି ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରିବ ।**

**ସାମଗ୍ରୀ:- ଯାଞ୍ଚପତ୍ର**

**କିପରି କରିବା : -**

- ପିଲାମାନେ ତୁମ ସହିତ ସହଜ ହେବା ପରେ ପିଲାଙ୍କର ପଢ଼ିବାର ସ୍ତର ଜାଣିବା ପାଇଁ ଚେଷ୍ଟା କର ।
- ପ୍ରଥମେ ଅନୁଛେଦକୁ ପଢ଼ିବା ପାଇଁ କୁହ । ଯଦି ସେ ନ ପଢ଼ିପାରିଲା ତେବେ ତାକୁ ଶବ୍ଦ ପଢ଼ିବା ପାଇଁ ଦିଅ ଏବଂ ଶବ୍ଦ ଓ ଅକ୍ଷର ସ୍ତରରେ ଥିବା ସୂଚନାକୁ ଅନୁସରଣ କର ।





## ମାତ୍ରାକ୍ଷର

ଉଦ୍ଦେଶ୍ୟ:-ମାତ୍ରାକ୍ଷର ଚାର୍ଟକୁ ପ୍ରତିଦିନ ପଠନ ଓ ଏହା ସହିତ ଗତିବିଧିଗୁଡିକ କରିବା ଦ୍ୱାରା ପିଲାଙ୍କର ଅକ୍ଷର ଏବଂ ମାତ୍ରାକୁ ମିଶାଇ ହେଉଥିବା ଧ୍ୱନୀ-ଚିହ୍ନର ଧାରଣା ହୋଇଥାଏ ତଥା ସେମାନଙ୍କ ପଢ଼ିବା-ଲେଖିବାରେ ତୀବ୍ରତା(ସ୍ପିଡ୍) ଆସିଥାଏ ।

ସାମଗ୍ରୀ: ମାତ୍ରାକ୍ଷର ଚାର୍ଟ




- ଶିକ୍ଷକ ଆଙ୍ଗୁଠି ରଖି ମାତ୍ରାକ୍ଷରର ଗୋଟିଏ ଧାଡି ପଢିବେ । ପିଲାମାନେ ଶୁଣିବେ ଓ ଦେଖିବେ ।
- ଶିକ୍ଷକ ପୁଣି ଥରେ ପଢିବେ, ପିଲାମାନେ ଆଙ୍ଗୁଠି ଚାଳନା କରିବେ ।
- କିଛି ସମୟ ପରେ ପିଲାମାନଙ୍କୁ ମାତ୍ରାକ୍ଷରର ଏକକ ବର୍ଣ୍ଣକୁ ପଢିବାକୁ ପ୍ରେରିତ କର ।
- ଶବ୍ଦର ଅଲଗା-ଅଲଗା ଧ୍ୱନୀଗୁଡିକୁ ମାତ୍ରାକ୍ଷରରୁ ଖୋଜିବେ ଓ ଲେଖିବେ । ଏହି ସମସ୍ତ ଶବ୍ଦ ପରିଚିତ ଏବଂ ସରଳ ହେବା ଆବଶ୍ୟକ । ଏହି ଶବ୍ଦ କାହାଣୀରୁ ମଧ୍ୟ ନିଆ ଯାଇପାରେ ।
- ଅଲଗା-ଅଲଗା ଧ୍ୱନୀଗୁଡିକୁ ମାତ୍ରାକ୍ଷରରୁ ଖୋଜିବାକୁ ଓ ଲେଖିବାକୁ କୁହ ।

## ଲିଖନ: ଆସ କିଛି ତିଆରି କରିବା ଏବଂ ବୁଝାଇବା

**ଉଦ୍ଦେଶ୍ୟ:-**ନିଜର ବିଚାରକୁ ଲିଖିତ ରୂପେ ପ୍ରକାଶ କରିବା ଦକ୍ଷତାର ବୃଦ୍ଧି ।

- ଲିଖନର ପୂର୍ବରୁ ପିଲାଙ୍କ ସହିତ ଯେକୌଣସି ବିଷୟ ଉପରେ କଥାବାର୍ତ୍ତା କର । ଏହାପରେ ପିଲାଙ୍କୁ ଲେଖିବାପାଇଁ ପ୍ରୋତ୍ସାହିତ କର, ଯେପରି- କାହାଣୀ ବିଷୟରେ ନିଜ ମନରୁ ଚିତ୍ର ତିଆରି କରି ରଙ୍ଗ ଦେବା ଏବଂ ତାହା ବିଷୟରେ ଲେଖିବାକୁ କୁହ ।
- କୌଣସି ଚିତ୍ର ବା ବିଷୟ ଉପରେ କଥାବାର୍ତ୍ତା କରି ମଧ ପିଲାଙ୍କୁ ସେହି ବିଷୟରେ ଲେଖିବାକୁ ଦିଆଯାଇପାରେ ।

**ନୋଟ୍ :- ଲିଖନ ପ୍ରତିଦିନ କରାଅ । ଲେଖିବା ପୂର୍ବରୁ ଯେକୌଣସି ବିଷୟ ବା ଚିତ୍ର ଉପରେ କଥାବାର୍ତ୍ତା ନିଶ୍ଚିତ କର । ପିଲାମାନେ ଲେଖିବା ପରେ ସେମାନଙ୍କୁ ମାତ୍ରାକ୍ଷରର ବ୍ୟବହାର କରି ନିଜ ଲେଖାକୁ ପୁନଃ ଠିକ୍ କରିବାକୁ କୁହ ।**

Pratham

Annual Status of Education Report
असर ASER 2016 RURAL
Facilitated by PRATHAM

# ପଢ଼ିବାର କ୍ଷମତା (୧)

## ଅକ୍ଷର

ଦ କ

ଚ

ବ ଥ

ଲ ତ

ହ

ମ ଖ

ପିଲାକୁ ୫ଟି ଅକ୍ଷର ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

## ଶବ୍ଦ

କାନ ମୂଷା

କଳା

ରାଗ ଖୁସି

ଶାରୀ ନାଲି

ଶାଗ

କୂଳ ଧୋବା

ପିଲାକୁ ୫ଟି ଶବ୍ଦ ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

Pratham

# ପଢ଼ିବାର କ୍ଷମତା (୧)

Annual Status of Education Report
ASER 2016 RURAL
Facilitated by PRATHAM

## ଗପ

ମାମା ଓ ମିତା ଦୁଇ ମିତ। ଦୁଇ ଜଣ ସବୁବେଳେ ମିଳିମିଶି ରହୁଥିଲେ। ସେମାନେ ସବୁଦିନ ଚାଲି ଚାଲି ପାଠ ପଢ଼ିବାକୁ ଯାଉଥିଲେ। ଦିନେ ଗଲାବେଳେ ମିତା ବାଟରେ ପଡ଼ିଗଲା ଓ ତା'ର ଚପଲ ଛିଣ୍ଡିଗଲା। ମାମାର ମନ ଭାରି ଖରାପ ହେଲା। ସେ ତା ଚପଲ ମିତାକୁ ଦେଇଦେଲା। ମିତା ଖୁସି ହୋଇଗଲା। ସେ ଏହି କଥା ତା ବାପାଙ୍କୁ କହିଲା। ମିତାର ବାପା ଏହା ଶୁଣି ମାମା ଘରକୁ ଗଲେ। ମାମାକୁ ଓ ତା'ର ଘର ଲୋକଙ୍କୁ ଧନ୍ୟବାଦ ଜଣାଇଲେ।

## ସରଳ ଅନୁଚ୍ଛେଦ

ଆସରେ ମିତ ଏକାଠି ହେବା,
ନାନା ରକମର ଖେଳ ଖେଳିବା।
ସଭିଏଁ ମିଶି ଖେଳିବା ଦୋଳି,
ପିଲାମାନେ ଦେଖି ମାରିବେ ତାଳି।

## ସରଳ ଅନୁଚ୍ଛେଦ

ଫଗୁଣ ମାସରେ ଦୋଳ ପରବ ପଡ଼େ।
ଆମେ ସବୁ ଦୋଳ ଯାତରା ଦେଖୁ।
ଆମ ସହ ଭାଇ ବି ଯାଏ।
ଯାତରା ଦେଖି ଖୁସିରେ ଘରକୁ ଫେରୁ।

Pratham

# ପଢ଼ିବାର କ୍ଷମତା (୨)

Annual Status of Education Report
ଅସର ASER 2016 RURAL
Facilitated by PRATHAM

## ଅକ୍ଷର

ପ ଜ

ଧ

ନ ଗ

ର ଭ

ଯ

ଖ ଫ

## ଶବ୍ଦ

ଗାଲ ନୀଳ

ପାନ

ଭୋଗ ଡାଳି

ନାକ ଶୁଆ

ଡେରି

ସେବା ମିତ

ପିଲାଙ୍କୁ ୫ଟି ଅକ୍ଷର ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

ପିଲାଙ୍କୁ ୫ଟି ଶବ୍ଦ ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

Pratham

# ପଢ଼ିବାର କ୍ଷମତା (୨)

Annual Status of Education Report
ଅସର ASER 2016 RURAL
Facilitated by PRATHAM

## ଗପ

ଶୀତଳ ପବନ ବହୁଥିଲା । ମାନସୀ ବଗିଚାରେ ବସି ପାଠ ପଢୁଥିଲା । ପଢୁପଢୁ ତାକୁ ନିଦ ଲାଗିଲା । ସେଦିନ ମାନସୀ ବଗିଚାରେ ପାଣି ଦେଇ ନଥିଲା । ସପନରେ ସେ ଗଛମାନଙ୍କୁ ଦେଖୁଥିଲା । ଗଛମାନେ ପାଣି ଅଭାବରୁ ଶୁଖି ଯାଇଥିଲେ । ସେମାନେ ବିକଳ ହୋଇ ମାନସୀକୁ ପାଣି ମାଗୁଥିଲେ । ଗଛମାନଙ୍କୁ ଦୁଃଖରେ ଦେଖି, ମାନସୀ ହଠାତ୍ ନିଦରୁ ଉଠି ବସି ପଡ଼ିଲା । ନଳକୂପରୁ ପାଣି ନେଇ ଗଛରେ ଦେଲା । ପାଣି ପାଇ ଗଛଗୁଡ଼ିକ ପୁଣି ସବୁଜସବୁଜ ଦେଖାଗଲେ ଓ ମାନସୀର ମନ ଖୁସି ହୋଇଗଲା ।


## ସରଳ ଅନୁଚ୍ଛେଦ

ଘର ଅଗଣାରେ ବଗିଚା ଅଛି,
ବଗିଚାରେ ବହୁତ ଫୁଲ ଫୁଟିଛି ।
ସବୁଦିନ ମାଳି ଫୁଲ ତୋଳୁଛି,
ଫୁଲ ସବୁ ନେଇ ମାଳା କରୁଛି ।

## ସରଳ ଅନୁଚ୍ଛେଦ

ଖରା ଦିନେ ଭାରି ଗରମ ହୁଏ,
ନଦୀ, ନାଳ, ପୋଖରୀ ଶୁଖିଯାଏ ।
ଗଛଲତା ସବୁ ଶୁଖିଯାଏ,
ବରଷା ପଡିଲେ ଜୀବନ ପାଏ ।

# ବିନ୍ଦୁ ଯୋଡ଼ ଏବଂ ରଙ୍ଗ ଦିଅ



ପ୍ରଥମ

ବସନ୍ତ ଋତୁ ଆସିଲା ।
ରଙ୍ଗ-ବେରଙ୍ଗ ଫୁଲ ଫୁଟିଲା ।
ଫୁଲରେ ମହୁମାଛି ବସିଲା ।
ଫୁଲରୁ ମହୁ ସଂଗ୍ରହ କଲା ।

ମିନୁର ଘର ବହୁତ ବଡ଼ ଅଟେ ।
ଘର ପାଖରେ ଏକ ବଗିଚା ଅଛି।
ସେଠାରେ ବହୁତ ଫୁଲ ଫୁଟିଛି ।
ଫୁଲରେ ଭଅଁର ଆସି ବସିଛି ।

ପ୍ରଥମ

ଆମ ଗାଁରେ ଏକ ପୋଖରୀ ଅଛି ।
ଏହା ବହୁତ ସୁନ୍ଦର ଓ ବଡ଼ ଅଟେ ।
ଏହାର ଚାରିକଡ଼େ ଫୁଲଗଛ ଲାଗିଛି ।
ସେଥିରେ ବହୁତ ମାଛ ଅଛନ୍ତି ।

ପାହାଡ଼ ଉପରେ ଏକ ଗଛ ଅଛି ।
ଗଛର ବହୁତ ଶାଖା ରହିଛି ।
ଗୋଟିଏ ଶାଖାରେ ଏକ ଚଢ଼େଇ ବସା ଅଛି ।
ଚଢ଼େଇ ବସାରେ ଗୋଟିଏ ଅଣ୍ଡା ଅଛି ।

ପ୍ରଥମ

ଆମ ଗାଁରେ ଗୋଟିଏ ଘୋଡ଼ା ଅଛି ।
ତାର ରଙ୍ଗ ଧଳା ଅଟେ ।
ସେ ବହୁତ ଜୋରରେ ଦୌଡ଼ିଥାଏ ।
ସେ ବହୁତ କାମରେ ଆସିଥାଏ ।

ଆକାଶରେ ତାରା ଝିଲମିଲ୍ କରୁଛି ।
ଦିନରେ ତାରା ଲୁଚି ଯାଉଛି ।
ରାତି ହେଲେ ବାହାରି ଆସୁଛି ।
ତାରା ସହିତ ଜହ୍ନ ମଧ ଦେଖା ଦେଉଛି ।

ପ୍ରଥମ

ମୋତେ ଗୁଡ଼ି ଉଡ଼ାଇବାକୁ ଭଲ ଲାଗେ ।
ଯେବେ ଜୋରରେ ପବନ ବହେ,
ମୋ ଗୁଡ଼ି ବହୁତ ଉଚ୍ଚରେ ଉଡ଼ିଥାଏ ।
ମୋତେ ବହୁତ ମଜା ଲାଗେ ।

ମୁଁ ମାଉସୀ ଘରକୁ ଗଲି ।
ମୋତେ ଦେଖି ସେ ଖୁସି ହେଲେ ।
ପୋଡ଼ପିଠା କରି ଖୁଆଇଲେ ।
ନୂଆ ସାର୍ଟ ପ୍ୟାଣ୍ଟ କିଣିଦେଲେ ।

ପ୍ରଥମ

ରଘୁ ଭାଇ ଅଟୋ ନେଇ ଆସିଲେ ।
ଆମେ ସେଥିରେ ବସିଲୁ ।
ଦିନସାରା ସହର ବୁଲିଲୁ ।
ସନ୍ଧ୍ୟାରେ ଘରକୁ ଫେରିଲୁ ।

ଗାଁକୁ ଗୋଟିଏ ସାପୁଆ ଆସିଲା ।
ନିଜ ସାଥିରେ ସାପ ଆଣିଥିଲା ।
ସାପୁଆ ବିନ୍ ବଜାଇଲା ।
ଧୁନ୍‌ରେ ସାପ ବହୁତ ନାଚିଲା ।

ପ୍ରଥମ

ଆଜି ଆମେ ଏକ ଚାରା ଲଗାଇଲୁ ।
ସବୁଦିନ ଆମେ ପାଣି ଦେବୁ ।
ସେଥିରେ କିଛି ସାର ମଧ୍ୟ ଦେବୁ ।
ଆର ବର୍ଷକୁ ତାହା ଗଛ ହୋଇଯିବ ।

ଗାଁ ବାହାରେ ଆମର କ୍ଷେତ ଅଛି ।
ଆମେ କ୍ଷେତରେ ଆଖୁ ଲଗାଇଲୁ ।
ଆଖୁ ବହୁତ ବଡ଼-ବଡ଼ ହେଇଛି ।
ବାପା ଆଖୁକୁ ଚିନିକଳକୁ ପଠାଇଲେ ।

ପ୍ରଥମ

ଗ୍ରୀଷ୍ମ ଋତୁ ଆସିବ ।
ବହୁତ ଗରମ କରିବ ।
ଏବେ ପଙ୍ଖା ସବୁଦିନ ବୁଲିବ ।
କିଛି ଲୋକ କୁଲର ମଧ୍ୟ ଲଗାଇବେ ।

ଆଜି ମେଘ ଘୋଟିଅଛି ।
ବୋଧହୁଏ ବର୍ଷା ହେବ ।
ଆମେ ସବୁ ବର୍ଷାରେ ଗାଧୋଇବୁ ।
କାଗଜ ଡଙ୍ଗା ଭସାଇବୁ ।

ପ୍ରଥମ

ଆଜି ରାହୁଲ ବହୁତ ଖୁସି ଅଛି ।
ସ୍କୁଲରେ ଆଜି ତାର ପ୍ରଥମ ଦିନ ।
ଦିଦି,ଆମ ସହିତ ତାର ପରିଚୟ କରାଇଲେ
ଶ୍ରେଣୀରେ ଏବେ ସେ ଆମ ସାଙ୍ଗ ହୋଇଗଲା ।

ଭାଲୁ ନାଚ ଦେଖାଇଲା ।
ବାଘକୁ ବହୁତ ରାଗ ଲାଗିଲା ।
ହାତୀ ତାକୁ ବୁଝାଇଲା ।
ସମସ୍ତେ ମିଶି ଗୀତ ଗାଇଲେ ।

ପ୍ରଥମ

ମୋ ପାଖରେ ଗୋଟିଏ ବହି ଅଛି ।
ସେଥରେ ସୁନ୍ଦର କାହାଣୀ ରହିଛି ।
ମୁଁ ସବୁଦିନ କାହାଣୀ ପଢ଼େ ।
ମୋ ଆଈ ମଧ୍ୟ କାହାଣୀ ପଢ଼େ ।

ନଦୀ କୂଳରେ ଗୋଟିଏ କୁଡ଼ିଆ ଅଛି ।
କୁଡ଼ିଆରେ ବୁଢ଼ୀ ଜେଜେମାଆ ରହୁଛି ।
ତାକୁ ବହୁତ କାହାଣୀ ଆସେ ।
ସେ ସମସ୍ତଙ୍କୁ କାହାଣୀ ଶୁଣାଏ ।

ପ୍ରଥମ

ମୋ ଗାଁ ବହୁତ ସୁନ୍ଦର ।
ଚାରିଆଡେ ଗଛ-ଲତା ରହିଛି ।
ଗାଁରେ ଗୋଟିଏ ପୋଖରୀ ମଧ୍ୟ ଅଛି ।
ପୋଖରୀରେ ବହୁତ ମାଛ ଅଛି ।

ରୋଷେଇ ଘରେ ଗୋଟିଏ ଝରକା ଅଛି ।
ସେଥିରୁ ଆଲୁଅ ଓ ପବନ ଆସିଥାଏ ।
ଯେତେବେଳେ ଝରକା ଖୋଲାଯାଏ ।
ରୋଷେଇଘର ଗରମ ଲାଗେ ନାହିଁ ।

ପ୍ରଥମ

ମୀନା ବହୁତ ଭଲ ଝିଅ ଅଟେ ।
ତାକୁ ସେଓ ବହୁତ ପସନ୍ଦ ଅଟେ ।
ସେ ଗୁରୁଜନଙ୍କୁ ସମ୍ମାନ ଦିଏ ।
ସାନମାନଙ୍କୁ ସ୍ନେହ ଦିଏ ।

ସ୍କୁଲରେ ଖାଇବା ଛୁଟି ହେଲା ।
ଟିନା ଆଳୁ ପରଟା ଆଣିଥିଲା ।
ମୀନା ରୁଟି ଓ ମିଠା ଆଣିଥିଲା ।
ଦୁହେଁ ମିଳିମିଶି ଖାଇଲେ ।

ପ୍ରଥମ

ଗାଁ ପାଖରେ ଏକ ଜଙ୍ଗଲ ଅଛି ।
ଦିନେ ସେଠାରୁ ବାଘ ଗାଁକୁ ଆସିଲା ।
ସମସ୍ତେ ଘରେ ଲୁଚିଗଲେ ।
କିଛି ସମୟ ପରେ ବାଘ ଚାଲିଗଲା ।

ଭାଇ ଦୋଳି ବାନ୍ଧି ଦେଲେ ।
କମଳା ସେଥିରେ ଝୁଲିବାକୁ ଲାଗିଲା ।
ଅଚାନକ ଦଉଡ଼ି ଛିଡ଼ିଗଲା ।
କମଳା ତଳେ ପଡ଼ିଗଲା ।

ପ୍ରଥମ

ଦିଲ୍ଲୁ ସ୍କୁଲରୁ ଘରକୁ ଫେରୁଥିଲା ।
ସେ ଏକ ଭାଲୁ ଦେଖିଲା ।
ସେ କିଛି ସମୟ ଭାଲୁର ନାଚ ଦେଖିଲା ।
ଘରକୁ ଫେରି ମାଆକୁ କହିଲା ।

ରାତିର ସମୟ ଥିଲା ।
ଚାରିଆଡ଼ ଶୁନଶାନ ରହିଥିଲା ।
ଅଚାନକ କିଛି ଶବ୍ଦ ଶୁଣାଗଲା ।
ମୂଷା କାଗଜ ଟିକ୍-ଟିକ୍ କରୁଥିଲା ।

ପ୍ରଥମ

ଟିକୁ ଗୋଟିଏ ବିଲେଇ ପୋଷିଛି ।
ତାର ନାମ ରାଣୀ ଅଟେ ।
ସେ ରାଣୀ ସହିତ ଖେଳେ ।
ରାଣୀ ରାତିରେ ଟିକୁ ପାଖରେ ଶୁଏ ।

ବହୁତ ଗରମ ହେଉଛି ।
ମାଆ ଦିନରେ ଖେଳିବାକୁ ଛାଡୁନି ।
ଆମେ ସବୁ ଦିନବେଳା ଶୋଇପଡୁ ।
ସନ୍ଧ୍ୟା ହେଲେ ଖେଳିବାକୁ ଯାଉ ।

ପ୍ରଥମ

ଆମ ସାହିରେ ଗୋଟିଏ ପିଲା ଅଛି ।
ସବୁବେଳେ ସେ ପ୍ରଶ୍ନ ପଚାରୁଥାଏ ।
ସବୁକଥା ଜାଣିବାକୁ ଚାହେଁ ।
ତାର ପ୍ରଶ୍ନ ବହୁତ ମଜାଳିଆ ହୋଇଥାଏ ।

ମୀରା ସ୍କୁଲ ଯାଉଥିଲା ।
ରାସ୍ତାରେ ପାଣି ଜମା ହେବାର ଦେଖିଲା ।
ସେ ସେଠାରେ କିଛି ଇଟା ରଖିଦେଲା ।
ଲୋକମାନେ ସହଜରେ ଯାଇପାରିଲେ ।

ପ୍ରଥମ

ଘର ପାଖରେ ଗୋଟିଏ ବଗିଚା ଅଛି ।
ବଗିଚାରେ ବହୁତ ଦୋଳି ଲାଗିଛି ।
ସମସ୍ତେ ମିଳିମିଶି ଦୋଳି ଖେଳନ୍ତି ।
ବଗିଚାକୁ ମଧ୍ୟ ସଫା ରଖନ୍ତି ।

ଆଜି ଗାଁକୁ ଏକ ହାତୀ ଆସିଲା ।
ତା ପିଠିରେ ଗଦି ପଡ଼ିଥିଲା ।
ପିଲାମାନେ ହାତୀ ଉପରେ ବସିଲେ ।
ସମସ୍ତଙ୍କୁ ମଜା ଲାଗିଲା ।

ପ୍ରଥମ

ଗଛ ରହିବାରୁ ହୁଏ ବରଷା ।
ଗଛ ଆମପାଇଁ ସାହା ଭରସା ।
ଗଛରୁ ଆମେ ଯେ ପାଉ ପତର ।
ଗଛ ଯେ ଅଟଇ ମାଆ ଆମର ।

ପ୍ରଥମ

ଚକଚକିଆ ଦେହଟା ମୋର ।
ପେଟଟା ମୋର ସରୁ ।
କାଗଜ ପରି ପତଳା ଡେଣା ।
ଉଡ଼ିବାରେ ମୁଁ ଗୁରୁ ।

ପ୍ରଥମ

ଟଙ୍କା ପୁଡ଼ିଆ ହାତରେ ଧରି ।
ବିଲେଇ ଯାଉଛି ବଜାର କରି ।
ବଜାରୁ ଆଣିଲା ନାଲିଆ ମିଠା ।
ମିଠା ଖାଇ ପାଟି ତା' ଅଠା ।

ପ୍ରଥମ

କନକର ଘର ବହୁତ ବାଟ ।
ତରତର ଚାଲ ନ କର ମଠ ।
ନଟିଆ ଧରିଲା ବାଡ଼ି ।
ଚଟିଆ ଗଲେ ଉଡ଼ି ।

ଆମେ ଯେତେକ କୁନି ମୁନି,
ଭିତରେ ଆମ ହସମୁଣି ।
ଆମେ ବାହାରିଲୁ ନୂଆ ଦେଶ,
ସାଥୀରେ ଯିବ ତ ଚାଲିଆସ ।

ନୀଳ ଆକାଶ ବଉଦ ତଳେ,
ଡେଣାଟି ଝାଡ଼ି ପକ୍ଷୀଟି ଉଡ଼େ ।
ଗଛ ଶାଖାରେ ସାଥୀଙ୍କ ମେଳେ,
କାଠି କୁଟାରେ ବସାଟି ତୋଳେ ।

କୃଷକ ଭାଇ କୃଷକ ଭାଇ,
କୃଷି କାମ କର ମନ ଲଗାଇ ।
ଦେଶର ଅଭାବ ଯିବ ଦୂରେଇ,
ଭୋକିଲା କେହି ରହିବେ ନାହିଁ ।

ଝୁମ୍ ଝୁମ୍ ଝୁମ୍ ତାଳ ପକାଇ,
ଭାଲୁ ନାଚ କରେ ବାଜା ବଜାଇ ।
ଥିଲେ ସେଠି ଯେତେ ଦେଖଣାହାରୀ,
ନାଚ ଦେଖି ସବୁ ମାରିଲେ ତାଳି ।

ପ୍ରଥମ

କଳାମେଘ କୋଳେ

ବିଜୁଳି ମାରେ ଚକ୍ ଚକ୍ ।

ବିଜୁଳି ରାଣୀର ଦେହ

କେତେ ଗୋରା ତକ୍ ତକ୍ ।

ପ୍ରଥମ

ମନ ଲଗାଇ ପଢ଼ିବା ପାଠ ।

ହସି ହସିକା ଚାଲିବା ବାଟ ।

ପଣସ ରସ ଲାଗଇ ମିଠା ।

ମା' ଛାଣିଛି କାକରା ପିଠା ।

ପ୍ରଥମ

ଉଭା ହେଲେ ଆସି ମୂଷିକ ରାଜା ।

ଧୂପ ଦୀପ ଜାଳି କରିଲେ ପୂଜା ।

ଭେରୀ ତୂରୀ ବାଜା ଉଠିଲା ବାଜି ।

ମନ ମଉଜରେ କରିଲେ ଭୋଜି ।

ପ୍ରଥମ

କାଉ ଡାକିଲା କାଆ କାଆ,

ବରଷା ରାଣୀ ଆ ଆ ।

ହୁକେ ହୋ ବିଲୁଆ ନନା,

ବରଷା ରାଣୀ ତୁ ଆମକୁ ଅନା ।

ଗଛ ଆମର ଜୀବନ ।
ଗଛରୁ ଆମକୁ ଖାଦ୍ୟ ମିଳେ ।
ଆମେ କେବେ ଗଛ କାଟିବାନି ।
ଅଧିକରୁ ଅଧିକ ଗଛ ଲଗାଇବା ।

ସବୁଜ ପରିବା ଖାଇବା ଭଲ ।
କାଟିବା ଆଗରୁ ଧୋଇବା ଭଲ ।
ଖାଇବା ଆଗରୁ ଧୋଇବା ହାତ ।
ତେବେ ହୋଇବ ଦେହକୁ ହିତ ।

ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସିଲେ ।
ପିଲାଙ୍କୁ ଗଛ ଲଗାଇବାକୁ କହିଲେ ।
ପିଲାମାନେ ଗଛ ଲଗାଇ,
ସୁନ୍ଦର ବଗିଚା ତିଆରି କଲେ ।

ଗାଁ ପରିମଳ ପାଇଁ
ଦିଅ ଏବେ ଧ୍ୟାନ ।
ଶୌଚାଳୟ ବସାଇବା
ଆଜିର ଆହ୍ୱାନ ।



ଆଈ କହେ ଆଲୋ ନାତୁଣୀ,
ଅଧିକ ଖର୍ଚ୍ଚ ନକର ପାଣି।
ଯଦି ପୃଥିବୀରୁ ସରିଯିବ ପାଣି,
ଧ୍ୱଂସ ହୋଇଯିବେ ସବୁ ପ୍ରାଣୀ।





ପ୍ରଶ୍ନ -
୧- ଆଈ ନାତୁଣୀକୁ କ'ଣ ବୁଝାଇଲେ ?
୨- ଯଦି ଆମେ ପାଣିକୁ ଅଯଥା ଖର୍ଚ୍ଚ କରିବା ତେବେ କ'ଣ ହେବ ?

ଗୋଟିଏ ବଡ଼ ବଗିଚା ଅଛି।
ବଗିଚାରେ ବହୁତ ଗଛ ଅଛି।
ଗଛରେ ଫଳ ଫଳିଛି।
କିଛି ଫଳ ମିଠା ଓ ଖଟା ଅଛି।



ପ୍ରଶ୍ନ-
୧- ବଗିଚାରେ କ'ଣ ଫଳିଛି ?
୨- ଫଳ ଗୁଡ଼ିକ କିପରି ଲାଗେ ?



ବର୍ଷାଋତୁ ଆସିଲା।
ବହୁତ ଖୁସି ଆଣିଲା।
ପାଣିରେ ଆମେ ଖେଳିଲୁ।
ଗରମ ପକୁଡ଼ି ଖାଇଲୁ।

ପ୍ରଶ୍ନ -
୧- କେଉଁ ଋତୁ ବହୁତ ଖୁସି ଆଣିଲା ?
୨- ଆମେ କାହା ସହିତ ଖେଳିବୁ ?



ମୁଁ ଗୋଟିଏ ଛୋଟ ପ୍ରଜାପତି।
ମୋତେ ଫୁଲର ରସ ଭଲ ଲାଗେ।
ପିଲାମାନେ ମୋତେ ଧରିବାକୁ ଚାହାଁନ୍ତି।
ମୁଁ କାହା ହାତରେ ଧରାଦିଏ ନାହିଁ।



ପ୍ରଶ୍ନ -
୧- ପ୍ରଜାପତିକୁ କାହାର ରସ ଭଲଲାଗେ ?
୨- କେଉଁମାନେ ପ୍ରଜାପତି ଧରିବାକୁ ଚାହାଁନ୍ତି ?

ପ୍ରଥମ

ସୋନି ଅଗଣାରେ ଖେଳୁଥିଲା ।
ସେତେବେଳେ ଏକ ପରୀ ଆକାଶରୁ ଆସିଲା ।
ସୋନିକୁ ଆକାଶକୁ ନେଇଗଲା ।
ଦୁହେଁ ଆକାଶରେ ଏକାଠି ଖେଳିଲେ ।



ପ୍ରଶ୍ନ -
୧- କିଏ ଆକାଶରୁ ଆସିଲା ?
୨- ଦୁହେଁ କେଉଁଠାରେ ଖେଳିଲେ ?

ପ୍ରଥମ

ଆକାଶରେ ତାରା ମିଟି ମିଟି କରନ୍ତି ।
ଦିନରେ ଏମାନେ ଲୁଚି ଯାଆନ୍ତି ।
ରାତି ହେଲେ ବାହାରନ୍ତି ।
ତାରାସହ ଚନ୍ଦ୍ର ମଧ ଦେଖାଯାଆନ୍ତି ।



ପ୍ରଶ୍ନ -
୧- ଆକାଶରେ କିଏ ମିଟି ମିଟି କରେ ?
୨- ରାତିରେ କିଏ କିଏ ଦେଖାଯାଆନ୍ତି ?

ପ୍ରଥମ

ଘର ପାଖରେ ଗୋଟିଏ ପୋଖରୀ ଅଛି ।
ପୋଖରୀରେ ବହୁତ ମାଛ ଅଛନ୍ତି ।
ରାଜୁ ସବୁଦିନ ପୋଖରୀକୁ ଯାଏ ।
ସେ ମାଛମାନଙ୍କୁ ଦାନା ଦିଏ ।




ପ୍ରଶ୍ନ -
୧- କେଉଁଠାରେ ବହୁତ ମାଛ ଅଛନ୍ତି ?
୨- କିଏ ମାଛମାନଙ୍କୁ ଦାନା ଦିଏ ?

ପ୍ରଥମ

ଗୋଟିଏ ଗୋଟିଏ କାଠି ଯୋଡ଼ି,
ଚଢ଼େଇ ଘର ତିଆରି କରେ ।
ଖରା, ପବନ ଓ ବର୍ଷାରୁ
ନିଜ ପରିବାରକୁ ବଞ୍ଚାଏ ।



ପ୍ରଶ୍ନ-
୧- ଚଢ଼େଇ ଘର କିପରି ତିଆରି କରେ ?
୨- ଚଢ଼େଇ ନିଜ ବସା ଭୂଇଁରେ କାହିଁକି ତିଆରି କରେନାହିଁ ?




ଦାନ୍ତ ସଫା କରଥାଏ ।


ରାଜୁ ସକାଳୁ ଶିଘ୍ର ଉଠିଥାଏ ।


ସଫା ପୋଷାକ ପିନ୍ଧିଥାଏ ।

ସାବୁନ ଲଗାଇ ଗାଧୋଇଥାଏ ।










ମଇଳା ପୋଷାକ ଜମା କଲେ ।

ମା କୁ ହାତ ହଲାଇ ସ୍କୁଲ୍‌କୁ ଯାଏ ।

କପଡ଼ାକୁ ପାଣିରେ ବୁଡ଼ାଇଲେ ।

କପଡ଼ାରେ ସାବୁନ ଲଗାଇଲେ ।







କପଡ଼ା ଶୁଖିବା ପାଇଁ ତାରରେ ପକାଇଲେ ।

କପଡ଼ାକୁ ଚିପୁଡ଼ିଲେ ।

ସଚିନ୍ ଯୋର୍‌ରେ ବଲ୍‌କୁ ମାରିଲା ।

ସଚିନ୍ ବ୍ୟାଟ୍ ଧରି ଠିଆ ହୋଇଛି ।







ସୌରଭ ବଲ୍‌କୁ ଧରିଲା ।

ବଲ୍‌ଟି ଗଛ ଉପର ଦେଇ ଯାଉଛି ।

ପେନ୍‌ସିଲା ଓ କାଗଜ ଅଛି ।

ସମସ୍ତେ ଖୁସିରେ ତାଳି ମାରିବାକୁ ଲାଗିଲେ ।





ସୂର୍ଯ୍ୟ ତଳେ ପାହାଡ଼ ତିଆରି କଲେ ।


କାଗଜ ଉପରେ ସୂର୍ଯ୍ୟ ଚିତ୍ର କଲେ ।


ଦେଖ, କେତେ ସୁନ୍ଦର ଚିତ୍ର ହେଲା ।

ପାହାଡ଼ ପାଖରେ ଗୋଟିଏ ଛୋଟ ଘର ।










କିଛିଦିନ ପରେ ସେଥିରେ କଢ଼ ହେଲା ।

କବିତା କୁଣ୍ଡରେ ଗଛ ଲଗାଇଲା ।

କବିତା ଫୁଲ ବେଣୀରେ ଲଗାଇଲା ।

କଢ଼ଟି ସୁନ୍ଦର ଫୁଲ ହେଲା ।





ସେ  ଚୁଟିରେ ବେଣୀ ପକାଇଲା ।


ସୋନାଲୀ ଚୁଟିରେ ତେଲ ଲଗାଇଲା ।


ସୋନାଲୀ ଖୁସିରେ ଆଇନାରେ ଦେଖିଲା ।

ରିବନ ଦେଇ ଚୁଟି ବାନ୍ଧିଲା ।









ସେ ପାଦରେ ମୋଜା ପିନ୍ଧିଲା ।

ରାଜେଶ ଖାଲି ପାଦରେ ବସିଛି ।

ଏବେ ରାଜେଶ ବୁଲିବାକୁ ବାହାରିଛି ।

ବୁଟ୍ ପିନ୍ଧି ଲେସ୍ ବାନ୍ଧିଲା ।

ପ୍ରଥମ

# ମାତ୍ରାକ୍ଷର

| ଅ | ଆ | ଇ | ଈ | ଉ | ଊ | ଋ | ଏ | ଐ | ଓ | ଔ | ଂ | ଃ | ଁ |
|---|---|---|---|---|---|---|---|---|---|---|---|---|---|
| କ | କା | କି | କୀ | କୁ | କୂ | କୃ | କେ | କୈ | କୋ | କୌ | କଂ | କଃ | କଁ |
| ଖ | ଖା | ଖି | ଖୀ | ଖୁ | ଖୂ | ଖୃ | ଖେ | ଖୈ | ଖୋ | ଖୌ | ଖଂ | ଖଃ | ଖଁ |
| ଗ | ଗା | ଗି | ଗୀ | ଗୁ | ଗୂ | ଗୃ | ଗେ | ଗୈ | ଗୋ | ଗୌ | ଗଂ | ଗଃ | ଗଁ |
| ଘ | ଘା | ଘି | ଘୀ | ଘୁ | ଘୂ | ଘୃ | ଘେ | ଘୈ | ଘୋ | ଘୌ | ଘଂ | ଘଃ | ଘଁ |
| ଚ | ଚା | ଚି | ଚୀ | ଚୁ | ଚୂ | ଚୃ | ଚେ | ଚୈ | ଚୋ | ଚୌ | ଚଂ | ଚଃ | ଚଁ |
| ଛ | ଛା | ଛି | ଛୀ | ଛୁ | ଛୂ | ଛୃ | ଛେ | ଛୈ | ଛୋ | ଛୌ | ଛଂ | ଛଃ | ଛଁ |
| ଜ | ଜା | ଜି | ଜୀ | ଜୁ | ଜୂ | ଜୃ | ଜେ | ଜୈ | ଜୋ | ଜୌ | ଜଂ | ଜଃ | ଜଁ |
| ଝ | ଝା | ଝି | ଝୀ | ଝୁ | ଝୂ | ଝୃ | ଝେ | ଝୈ | ଝୋ | ଝୌ | ଝଂ | ଝଃ | ଝଁ |
| ଟ | ଟା | ଟି | ଟୀ | ଟୁ | ଟୂ | ଟୃ | ଟେ | ଟୈ | ଟୋ | ଟୌ | ଟଂ | ଟଃ | ଟଁ |
| ଠ | ଠା | ଠି | ଠୀ | ଠୁ | ଠୂ | ଠୃ | ଠେ | ଠୈ | ଠୋ | ଠୌ | ଠଂ | ଠଃ | ଠଁ |
| ଡ | ଡା | ଡି | ଡୀ | ଡୁ | ଡୂ | ଡୃ | ଡେ | ଡୈ | ଡୋ | ଡୌ | ଡଂ | ଡଃ | ଡଁ |
| ଢ | ଢା | ଢି | ଢୀ | ଢୁ | ଢୂ | ଢୃ | ଢେ | ଢୈ | ଢୋ | ଢୌ | ଢଂ | ଢଃ | ଢଁ |
| ଣ | ଣା | ଣି | ଣୀ | ଣୁ | ଣୂ | ଣୃ | ଣେ | ଣୈ | ଣୋ | ଣୌ | ଣଂ | ଣଃ | ଣଁ |
| ତ | ତା | ତି | ତୀ | ତୁ | ତୂ | ତୃ | ତେ | ତୈ | ତୋ | ତୌ | ତଂ | ତଃ | ତଁ |
| ଥ | ଥା | ଥି | ଥୀ | ଥୁ | ଥୂ | ଥୃ | ଥେ | ଥୈ | ଥୋ | ଥୌ | ଥଂ | ଥଃ | ଥଁ |
| ଦ | ଦା | ଦି | ଦୀ | ଦୁ | ଦୂ | ଦୃ | ଦେ | ଦୈ | ଦୋ | ଦୌ | ଦଂ | ଦଃ | ଦଁ |
| ଧ | ଧା | ଧି | ଧୀ | ଧୁ | ଧୂ | ଧୃ | ଧେ | ଧୈ | ଧୋ | ଧୌ | ଧଂ | ଧଃ | ଧଁ |
| ନ | ନା | ନି | ନୀ | ନୁ | ନୂ | ନୃ | ନେ | ନୈ | ନୋ | ନୌ | ନଂ | ନଃ | ନଁ |

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ପ | ପା | ପି | ପୀ | ପୁ | ପୂ | ପୃ | ପେ | ପୈ | ପୋ | ପୌ | ପଂ | ପଃ | ପଁ |
| ଫ | ଫା | ଫି | ଫୀ | ଫୁ | ଫୂ | ଫୃ | ଫେ | ଫୈ | ଫୋ | ଫୌ | ଫଂ | ଫଃ | ଫଁ |
| ବ | ବା | ବି | ବୀ | ବୁ | ବୂ | ବୃ | ବେ | ବୈ | ବୋ | ବୌ | ବଂ | ବଃ | ବଁ |
| ଭ | ଭା | ଭି | ଭୀ | ଭୁ | ଭୂ | ଭୃ | ଭେ | ଭୈ | ଭୋ | ଭୌ | ଭଂ | ଭଃ | ଭଁ |
| ମ | ମା | ମି | ମୀ | ମୁ | ମୂ | ମୃ | ମେ | ମୈ | ମୋ | ମୌ | ମଂ | ମଃ | ମଁ |

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଯ | ଯା | ଯି | ଯୀ | ଯୁ | ଯୂ | ଯୃ | ଯେ | ଯୈ | ଯୋ | ଯୌ | ଯଂ | ଯଃ | ଯଁ |
| ର | ରା | ରି | ରୀ | ରୁ | ରୂ | ରୃ | ରେ | ରୈ | ରୋ | ରୌ | ରଂ | ରଃ | ରଁ |
| ଳ | ଳା | ଳି | ଳୀ | ଳୁ | ଳୂ | ଳୃ | ଳେ | ଳୈ | ଳୋ | ଳୌ | ଳଂ | ଳଃ | ଳଁ |
| ଶ | ଶା | ଶି | ଶୀ | ଶୁ | ଶୂ | ଶୃ | ଶେ | ଶୈ | ଶୋ | ଶୌ | ଶଂ | ଶଃ | ଶଁ |
| ଷ | ଷା | ଷି | ଷୀ | ଷୁ | ଷୂ | ଷୃ | ଷେ | ଷୈ | ଷୋ | ଷୌ | ଷଂ | ଷଃ | ଷଁ |

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ସ | ସା | ସି | ସୀ | ସୁ | ସୂ | ସୃ | ସେ | ସୈ | ସୋ | ସୌ | ସଂ | ସଃ | ସଁ |
| ହ | ହା | ହି | ହୀ | ହୁ | ହୂ | ହୃ | ହେ | ହୈ | ହୋ | ହୌ | ହଂ | ହଃ | ହଁ |
| କ୍ଷ | କ୍ଷା | କ୍ଷି | କ୍ଷୀ | କ୍ଷୁ | କ୍ଷୂ | କ୍ଷୃ | କ୍ଷେ | କ୍ଷୈ | କ୍ଷୋ | କ୍ଷୌ | କ୍ଷଂ | କ୍ଷଃ | କ୍ଷଁ |
| ୟ | ୟା | ୟି | ୟୀ | ୟୁ | ୟୂ | ୟୃ | ୟେ | ୟୈ | ୟୋ | ୟୌ | ୟଂ | ୟଃ | ୟଁ |
| ଲ | ଲା | ଲି | ଲୀ | ଲୁ | ଲୂ | ଲୃ | ଲେ | ଲୈ | ଲୋ | ଲୌ | ଲଂ | ଲଃ | ଲଁ |

| | | | | | | |
|---|---|---|---|---|---|---|
| ଅଂଶ | ଶୈଳ | ଖଜା | ଝାଡୁ | ଥଳି | ବଣି | ଘୋଡ଼ା |
| ଆତ | ଐର | ଗାଡ଼ି | କ୍ଷମା | ଦହି | ସାହସ | ରାଣୀ |
| ସଂସାର | କୈଳାସ | ଘଡ଼ି | ତୂଳୀ | ଧୋବା | ଭୟ | ଇଟା |
| ପୃଥିବୀ | ଔଷଧ | ଚଟେଇ | ଡବା | ମାଛ | କ୍ଷୀର | ବିନୟ |
| ଦୁଃଖ | ବିଷୟ | ଛତୁ | ଢୋଲ | ପୋଲ | ଶିଶୁ | ଶାଗ |
| କୌତୁକ | ମୁଗ | ଢାଲ | ଟାଟି | ଫୁଲ | କୌରବ | ବରା |